# NATIONAL NEWS BULLETIN (ODIA)

## 13 October - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ତଥା ଅନ୍ୟ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କଲେ ନିର୍ବାଚନ ଆୟୋଗ
- ବିକଶିତ ଭାରତ ଲକ୍ଷ୍ୟ ପୂରଣ କ୍ଷେତ୍ରରେ ଦେଶର ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ଅର୍ଥନୀତିରେ ଉତ୍କର୍ଷତା ପାଇଁ ୩ ଜଣଙ୍କୁ ମିଳିଲା ନୋବେଲ ପୁରସ୍କାର
- ଗାଜା ଯୁଦ୍ଧବିରତିରେ ମଧ୍ୟସ୍ଥତା ଏବଂ ଇସ୍ରାଏଲୀ ବନ୍ଧକଙ୍କ ମୁକ୍ତି ପାଇଁ ଆମେରିକା ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯିବ ଇସ୍ରାଏଲର ସର୍ବୋଚ୍ଚ ନାଗରିକ ସମ୍ମାନ

ଏବଂ

- ୧୨୧ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନର ଖେଳ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧ ୱିକେଟ୍ ବିନିମୟରେ ଭାରତ କରିଛି ୬୩ ରନ

## ବିହାର ନୋଟିଫିକେସନ୍

ନିର୍ବାଚନ ଆୟୋଗ ଆଜି ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏହି ପର୍ଯ୍ୟାୟରେ ୨୦ଟି ଜିଲ୍ଲାର ୧୨୨ଟି ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ଚଳିତ ମାସ ୨୦ ତାରିଖ ରହିଛି । ୨୧ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୨୩ ତାରିଖ ସୁଦ୍ଧା ପ୍ରତ୍ୟାହାର ଲାଗି ସମୟ ଧାର୍ଯ୍ୟ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତା ନଭେମ୍ବର ୧୧ ତାରିଖରେ ଭୋଟ ଗ୍ରହଣ ହେବ । ଉଭୟ ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସରିବା ପରେ ନଭେମ୍ବର ୧୪ ତାରିଖରେ ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ନିର୍ବାଚନର ଭୋଟ ଗଣତି ହେବ । ମୋଟ୍ ୭ କୋଟି ୪୨ ଲକ୍ଷରୁ ଅଧିକ ଭୋଟର ମତଦାନ ପ୍ରକ୍ରିୟାରେ ସାମିଲ ହେବେ ।

## ବିହାର-ଇଲେକସନ୍

ପ୍ରଶାନ୍ତ କିଶୋରଙ୍କ ନେତୃତ୍ୱରେ ଜନ ସୁରଜ ପାର୍ଟି ଆଜି ବିହାର ବିଧାନସଭା ନିର୍ବାଚନ ପାଇଁ ୬୫ ଜଣ ପ୍ରାର୍ଥୀଙ୍କ ଦ୍ୱିତୀୟ ତାଲିକା ପ୍ରକାଶ

କରିଛି । ଏହା ପୂର୍ବରୁ ଜନ ସୁରଜ ପାର୍ଟି ୫୧ ଜଣ ପ୍ରାର୍ଥୀଙ୍କ ନାମ ପ୍ରକାଶ କରିଥିଲା ।

ପାଟନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନୂତନ ତାଲିକା ଘୋଷଣା କରି ଦଳର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର କହିଛନ୍ତି ଯେ ପ୍ରାର୍ଥୀ ଚୟନରେ ସମାଜର ସମସ୍ତ ବର୍ଗକୁ ପ୍ରତିନିଧିତ୍ୱ ଦିଆଯାଇଛି ।

ଭାଗଲପୁର ନିର୍ବାଚନ ମଣ୍ଡଳୀରୁ, ଦଳ ୭୪ ବର୍ଷୀୟ ଅଭୟକାନ୍ତ ଝାଙ୍କୁ ଟିକେଟ ଦେଇଛି । ପ୍ରାର୍ଥୀ ତାଲିକାରେ, ଜନ ସୁରଜ ପାର୍ଟି କେବଳ ସାମାଜିକ ସଂରଚନା ଉପରେ ଧ୍ୟାନ ଦେଇନାହିଁ ବରଂ ବିଭିନ୍ନ କ୍ଷେତ୍ରର ବୃତ୍ତିଗତମାନଙ୍କୁ ମଧ୍ୟ ସାମିଲ କରିଛି ।

## ଇସି-ବାଇ ଇଲେକ୍ସନ

୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ଆଜି ନିର୍ବାଚନ ଆୟୋଗ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏହି ବିଧାନସଭା ଆସନଗୁଡ଼ିକ ହେଉଛି ଜାମ୍ମୁ-କାଶ୍ମୀରର ବୁଦଗାଓଁ ଏବଂ ନଗ୍ରୋଟା, ରାଜସ୍ଥାନର ଅନ୍ତା, ଝାଡ଼ଖଣ୍ଡର ଘାଟଶିଳା, ତେଲେଙ୍ଗାନାର ଜୁବୁଲି ହିଲ୍ସ, ପଞ୍ଜାବର ତରନତାରନ, ମିଜୋରାମର ଡମ୍ପା ଏବଂ ଓଡ଼ିଶାର

ନୂଆପଡା । ଚଳିତମାସ ୨୦ ତାରିଖ ପର୍ଯ୍ୟନ୍ତ ଜାମ୍ମୁକାଶ୍ମୀର ଏବଂ ଓଡ଼ିଶା ଓ ୨୧ ତାରିଖ ପର୍ଯ୍ୟନ୍ତ ଝାଡ଼ଖଣ୍ଡ, ମିଜୋରାମ, ପଞ୍ଜାବ, ତେଲେଙ୍ଗାନା ଓ ରାଜସ୍ଥାନ ପାଇଁ ପ୍ରାର୍ଥୀପତ୍ର ଦାଖଲର ଶେଷଦିନ ରହିଛି । ଏହିସବୁ ଆସନ ଗୁଡ଼ିକରେ ଆସନ୍ତାମାସ ୧୧ ତାରିଖରେ ଭୋଟ୍‌ଗ୍ରହଣ କରାଯାଇ ୧୪ ତାରିଖରେ ଭୋଟ୍‌ଗଣତି କରାଯିବ ।

## ପ୍ରଧାନ-ବିକଶିତ ଭାରତ ବିଲ୍ଡାଥନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଭାରତ ଉତ୍ପାଦନଭିତ୍ତିକ ଅର୍ଥନୀତି ଦ୍ୱାରା ହିଁ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ । ଆଜି ଭାରତର ସର୍ବବୃହତ୍ ହାକାଥନ "ବିକଶିତ ଭାରତ ବିଲ୍ଡାଥନ ୨୦୨୫"କୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନ ଆଧାରିତ ଶତାବ୍ଦୀ । ଭାରତ ବିଶ୍ୱରେ ଜ୍ଞାନ ଏବଂ ଅର୍ଥନୀତି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି । ବିକଶିତ ରାଷ୍ଟ୍ର ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଭାରତ' ଆଗାମୀ ଦିନରେ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ସମାଧାନ ସହ ଉନ୍ନତମାନର ଜ୍ଞାନକୌଶଳ ଓ ସେଥିପ୍ରତି ଏକ ସ୍ୱଷ୍ଟ ଦୃଷ୍ଟି ରଖିବା ଆବଶ୍ୟକ । ଆଜି ଅନୁଷ୍ଠିତ ବିଲ୍ଡାଥନରେ ଦେଶର ୩ଲକ୍ଷ ସ୍କୁଲର ୨୫ଲକ୍ଷରୁ ଅଧିକ

ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ଆଭାସୀ ଜରିଆରେ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଥିଲେ

**V/O (Dharmendra Pradhan-1)**

# ନୋବେଲ୍ ପ୍ରାଇଜ୍ ଇନ୍ ଇକୋନମିକ୍ସ

୨୦୨୫ ମସିହା ପାଇଁ ଅର୍ଥନୀତିରେ ନୋବେଲ୍ ପୁରସ୍କାର ଜୋଏଲ୍ ମୋକିର୍, ଫିଲିପ୍ ଆଘିଆନ୍ ଏବଂ ପିଟର୍ ହାୱିଟ୍‌ଙ୍କୁ ନବସୃଜନ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଉପରେ ସେମାନଙ୍କର ଯୁଗାନ୍ତକାରୀ କାର୍ଯ୍ୟ ପାଇଁ ପ୍ରଦାନ କରାଯାଇଛି । ନୋବେଲ କମିଟିର ସୂଚନା ଅନୁଯାୟୀ ଏହି ତିନି ଅର୍ଥନୀତିଜ୍ଞଙ୍କୁ ନବସୃଜନ ଚଳିତ ଅର୍ଥନୈତିକ ଅଭିବୃଦ୍ଧି ବ୍ୟାଖ୍ୟା କରିବା ପାଇଁ ସମ୍ମାନିତ କରାଯାଇଥିଲା ।

ଜୋଏଲ୍ ମୋକିର୍ ପ୍ରଯୁକ୍ତି ବିଦ୍ୟା ପ୍ରଗତି ମାଧ୍ୟମରେ ନିରନ୍ତର ଅଭିବୃଦ୍ଧି ପାଇଁ ପୂର୍ବ ଆବଶ୍ୟକତାକୁ ଚିହ୍ନଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ସେହିପରି ଫିଲିପ୍ ଆଘିଆନ୍ ଏବଂ ପିଟର୍ ହାୱିଟ୍ ସୃଜନଶୀଳ ବିନାଶ ମାଧ୍ୟମରେ ନିରନ୍ତର ଅଭିବୃଦ୍ଧି ତତ୍ତ୍ୱ ପାଇଁ କାର୍ଯ୍ୟ କରିଥିଲେ ।

# ଟ୍ରମ୍ପ-ଇସ୍ରାଏଲ୍ ଅନର୍

ଗାଜା ଯୁଦ୍ଧବିରତିରେ ମଧ୍ୟସ୍ଥତା ଏବଂ ଇସ୍ରାଏଲୀ ବନ୍ଧକଙ୍କ ମୁକ୍ତି ପାଇଁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ଇସ୍ରାଏଲ' ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ତାଙ୍କର ସର୍ବୋଚ୍ଚ ନାଗରିକ ସମ୍ମାନ ଇସ୍ରାଏଲୀ ରାଷ୍ଟ୍ରପତି ପଦକ ସମ୍ମାନ ପ୍ରଦାନ କରିବ।

ଇସ୍ରାଏଲର ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗ୍ ତାଙ୍କର ଆମେରିକୀୟ ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପଙ୍କୁ ଏହି ପୁରସ୍କାର ପ୍ରଦାନ କରିବେ। ଏହି ଘୋଷଣା ଏପରି ଏକ ସମୟରେ ହୋଇଛି ଯେତେବେଳେ ସାତ ଜଣ ଇସ୍ରାଏଲୀ ବନ୍ଦୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଅନ୍ତର୍ଜାତୀୟ ରେଡକ୍ରସ କମିଟିକୁ ହସ୍ତାନ୍ତର କରାଯାଇଥିଲା।

ଶ୍ରୀ ହର୍ଜୋଗ୍' ଶ୍ରୀ ଟ୍ରମ୍ପଙ୍କ ଅକ୍ଲାନ୍ତ ପ୍ରୟାସକୁ ପ୍ରଶଂସା କରି କହିଛନ୍ତି ଯେ ସେ ଇସ୍ରାଏଲୀ ବନ୍ଧକମାନଙ୍କୁ ଫେରାଇ ଆଣିବାରେ ସାହାଯ୍ୟ କରିଥିଲେ। ସେ କହିଛନ୍ତି, ଶ୍ରୀ ଟ୍ରମ୍ପ ମଧ୍ୟପ୍ରାଚ୍ୟରେ ସୁରକ୍ଷା, ସହଯୋଗ ଏବଂ ଶାନ୍ତିପୂର୍ଣ୍ଣ ଭବିଷ୍ୟତ ପାଇଁ ପ୍ରକୃତ ଆଶା ଉପରେ ନିର୍ମିତ ଏକ ନୂତନ ଯୁଗର ମୂଳଦୁଆ ମଧ୍ୟ ସ୍ଥାନ କରିଥିଲେ।

ଇସ୍ରାଏଲୀ ରାଷ୍ଟ୍ରପତି ସମ୍ମାନ ପଦକ ଇସ୍ରାଏଲ କିମ୍ବା ମାନବତା ପାଇଁ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଏ।

ଏହି ପୁରସ୍କାର ପୂର୍ବରୁ ୨୦୧୩ରେ ପୂର୍ବତନ ଆମେରିକାର ରାଷ୍ଟ୍ରପତି ବାରାକ ଓବାମାଙ୍କୁ ପ୍ରଦାନ କରାଯାଇଛି।

## ପ୍ରେଜ୍ ମଙ୍ଗୋଲିଆ ଇଣ୍ଡିଆ

ମଙ୍ଗୋଲିଆର ରାଷ୍ଟ୍ରପତି ଖୁରେଲ୍‌ସୁଖ ଉଖନା ଚାରି ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ ସ୍ୱାଗତ କରିଥିଲେ । ମଙ୍ଗୋଲିଆର ରାଷ୍ଟ୍ରପତିଙ୍କ ସହ କ୍ୟାବିନେଟ୍ ମନ୍ତ୍ରୀ, ସଂସଦ ସଦସ୍ୟ, ବରିଷ୍ଠ ଅଧିକାରୀ, ଶିଳ୍ପପତି ଏବଂ ସାଂସ୍କୃତିକ ପ୍ରତିନିଧିଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସିଛନ୍ତି ।

ରାଷ୍ଟ୍ରପତି ଭାବେ ଏହା ଶ୍ରୀ ଖୁରେଲ୍‌ସୁଖଙ୍କ ପ୍ରଥମ ଭାରତ ଗସ୍ତ । ଏହି ଗସ୍ତ ସମୟରେ ସେ ଦେଶର ରାଷ୍ଟ୍ରପତି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ଶ୍ରୀ ଖୁରେଲ୍‌ସୁଖ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଆଲୋଚନା କରିବେ ଏବଂ ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ

ଉପରେ ସମୀକ୍ଷା କରିବେ । ଏହି ଗସ୍ତ ଭାରତ ଏବଂ ମଙ୍ଗୋଲିଆର ନେତୃତ୍ୱକୁ ଅଧିକ ସମୃଦ୍ଧଶାଳୀ କରିବ ବୋଲି ଜଣାପଡ଼ିଛି ।

## ଗୁଜରାଟ ଅଶ୍ୱିନୀ ବୈଷ୍ଣବ

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଗୁଜରାଟର ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍ ଟ୍ରେନ୍ ପ୍ରକଳ୍ପର ଏକ ପ୍ରମୁଖ ସ୍ଥଳ ନିର୍ମାଣାଧୀନ ବିଲିମୋରା ବୁଟେଲ୍ ଟ୍ରେନ୍ ଷ୍ଟେସନ୍‌କୁ ବୁଲି ଦେଖିଛନ୍ତି । କେନ୍ଦ୍ର ମନ୍ତ୍ରୀ ନିର୍ମାଣାଧୀନ ପ୍ରକଳ୍ପ ଏବଂ ଟ୍ରାକ୍ ବିଛାଇବା କାର୍ଯ୍ୟର ସମୀକ୍ଷା କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ବିଲିମୋରାରୁ ସୁରଟ ପର୍ଯ୍ୟନ୍ତ ହାଇସ୍ପିଡ୍ ରେଳ ନେଟ୍‌ୱର୍କର ପ୍ରଥମ ଅଂଶ ୨୦୨୭ ମସିହା ସୁଦ୍ଧା କାର୍ଯ୍ୟକ୍ଷମ ହେବ ।

## ନିତିନ ଗଡ଼କରୀ ପୁଡୁଚେରୀ

ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଆଜି ପୁଡୁଚେରୀରେ ୨ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ତିନୋଟି ଜାତୀୟ

ରାଜପଥ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ୧ ହଜାର ୫୮୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଜାତୀୟ ରାଜପଥ-୩୨ର ୩୮ କିଲୋମିଟର ଲମ୍ବା ୪ଲେନ୍ ବିଶିଷ୍ଟ ପୁଡୁଚେରୀ-ପୁଣ୍ଡିଆଙ୍କୁପମ୍ ସେକ୍ସନ୍‌କୁ ଦେଶ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି । ସେ ଜାତୀୟ ରାଜପଥ-୩୨ରେ ଇନ୍ଦିରା ଗାନ୍ଧି ସ୍କୋୟାର୍ ଏବଂ ରାଜୀବ ଗାନ୍ଧି ସ୍କୋୟାର୍ ମଧ୍ୟରେ ୪୩୬ କୋଟି ଟଙ୍କା ବିନିଯୋଗ ସହିତ ୩ ଦଶମିକ୍ ୮/୮ କିଲୋମିଟର ଉଚ୍ଚ କରିଡ଼ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି । ଏହା ସହିତ ୨୫ କୋଟି ଟଙ୍କା ବିନିଯୋଗରେ ପୂର୍ବତଟ ରାସ୍ତା ଜାତୀୟ ରାଜପଥ-୩୩ ୨ଏ ର ୧୩ ଦଶମିକ୍ ୬/୩ କିଲୋମିଟର ରାସ୍ତା ବିସ୍ତାର ଉନ୍ନତି କାର୍ଯ୍ୟର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

## ଟେଷ୍ଟ କ୍ରିକେଟ୍

କ୍ରିକେଟରେ, ୧୨୧ ରନର ଟାର୍ଗେଟକୁ ପିଛା କରି, ନୂଆଦିଲ୍ଲୀରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚର ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଭାରତ ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧ ଓ୍ୱିକେଟ୍ ହରାଇ ୬୩ ରନ କରିଛି। କେଏଲ ରାହୁଲ ଏବଂ ସାଇ ସୁଦର୍ଶନ ଅପରାଜିତ ଅଛନ୍ତି।

ପୂର୍ବରୁ, ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସରେ ୩୯୦ ରନରେ ସମସ୍ତ ଉଇକେଟ ହରାଇଥିଲା। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜନ୍ କ୍ୟାମ୍ପବେଲ୍ ଏବଂ ସାଇ ହୋପ୍ ଶତକ ହାସଲ କରିଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ଏବଂ ଯଶପ୍ରୀତ ବୁମରା ତିନୋଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ମହମ୍ମଦ ସିରାଜ ଦୁଇଟି ୱିକେଟ୍ ନେଇଥିଲେ।

## ସିପିଆର୍ ଆୱାର୍‌ନେସ୍ ୱିକ୍

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଆଜି କାଡ଼ିଓ ପଲ୍‌ମୋନାରୀ ପୁନର୍ଜୀବନ ସି.ପି.ଆର୍. ସଚେତନତା ସପ୍ତାହର ଶୁଭାରମ୍ଭ କରିଛନ୍ତି । ଏହି ସଚେତନତା ସପ୍ତାହ ୧୭ ତାରିଖରେ ଶେଷ ହେବ । ସମାବେଶକୁ ସମ୍ବୋଧିତ କରି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ ସି.ପି.ଆର୍. କାର୍ଯ୍ୟ କରିବାରେ ସାଧାରଣ ଲୋକଙ୍କ କ୍ଷମତା ଗଠନ କରିବାର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସେ ସି.ପି.ଆର୍. ସଚେତନତା ସପ୍ତାହ ଅନ୍ତର୍ଗତ ସରକାରଙ୍କ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲେ ।